# କରୋନା ଯୋଦ୍ଧାଙ୍କ ପରିବାରକୁ ସମ୍ବର୍ଦ୍ଧନା




**ବାରଙ୍ଗ,୨୧।୫/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଉପକଣ୍ଠର ୫ଟି ପଞ୍ଚାୟତରେ ଯୁବ ସମାଜସେବୀ ପ୍ରମୋଦ ପଡିଆରୀ ଘର ଘର ବୁଲି କରୋନା ଯୋଦ୍ଧା ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ କରୋନା ଲଢେଇରେ ସାମିଲ ହୋଇଥିବା ଯୋଦ୍ଧାମାନଙ୍କ ପରିବାର ସଦସ୍ୟ ହେଉଛନ୍ତି ପ୍ରକୃତ ଯୋଦ୍ଧା ।

ପରିବାରର ଆଶାଭରସା ଓ ମୁଖ୍ୟ ରୋଜଗାରର ମାଧ୍ୟମ ସାଜିଥିବା ପୁଅ, ସ୍ୱାମୀ, ବାପା ବା ଭାଇମାନଙ୍କ ଜୀବନକୁ ବାଜି ଲଗାଇ ଏମାନେ ଭୟ ଓ ଆଶଙ୍କାରେ କାଳାତିପାତ କରୁଛନ୍ତି, ଯାହା କହିବା ସହଜସାଧ୍ୟ ନୁହେଁ । ତେଣୁ କରୋନା ମୁକାବିଲାରେ ସାମିଲ ପ୍ରତ୍ୟେକ ଯୋଦ୍ଧାଙ୍କ ପରିବାର ସଦସ୍ୟମାନେ ବି ଜଣେ ଜଣେ ଯୋଦ୍ଧା । ଏହି ପରିବାର ସଦସ୍ୟମାନେ କରୋନା ସଂଗ୍ରାମରେ ଯୋଦ୍ଧାମାନଙ୍କୁ ମାନସିକ ବଳ ଯୋଗାଇ ଚାଲିଛନ୍ତି । ପୁଣି ଯେତେବେଳେ ଯୋଦ୍ଧାମାନେ ଘରକୁ ଫେରୁଛନ୍ତି ସେମାନଙ୍କୁ ସ୍ନେହ ଆଦର ଦେଇ ଆଗାମୀ ଦିନରେ କରୋନା ମୁକାବିଲାରେ ଅଂଶଗ୍ରହଣ କରିବାକୁ ଯତ୍ନବାନ କରୁଛନ୍ତି । ତେଣୁ ଏହି ଯୋଦ୍ଧା ପରିବାର ସଦସ୍ୟଙ୍କୁ ଯୁବ ସମାଜସେବୀ ପ୍ରମୋଦ ଘରକୁ ଘର ବୁଲି ସମ୍ବର୍ଦ୍ଧିତ କରିଛନ୍ତି । ସେ ସମସ୍ତ କରୋନା ଯୋଦ୍ଧାଙ୍କୁ ଆଶୀର୍ବାଦ କରିବା ସହ କରୋନାର ସତ୍ତା ଲୋପ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିଛନ୍ତି । ସମସ୍ତେ ସରକାରଙ୍କ ପ୍ରଦତ୍ତ ନିୟମାବଳୀକୁ ମାନି ସଚେତନ ହୋଇ ଚଳିବା ପାଇଁ ସେ ଜନସମାଜକୁ ନିବେଦନ କରିଛନ୍ତି ।